● ଏହି କବିତାରେ ଥିବା କେତେକ କଠିନ ଶବ୍ଦ ଓ ତାହାର ଅର୍ଥ :

| ଶବ୍ଦ | ଅର୍ଥ | ଶବ୍ଦ | ଅର୍ଥ |
|---|---|---|---|
| ଅସୁମାରି | ଯାହା ଗଣି ହେବ ନାହିଁ/ଅଗଣନ | କାଳ | ସମୟ |
| ମେଲାଣି | ବିଦାୟ | ବାଆ | ପବନ |
| ଭରସା | ବିଶ୍ୱାସ | ଦଉଲତ | ଧନସମ୍ପତ୍ତି |
| ତିଳେ | ସାମାନ୍ୟ/ଟିକିଏ | ନାରିକେଳ | ନଡ଼ିଆ |
| ଦରିଆ | ସମୁଦ୍ର | ସାଥେ | ସଙ୍ଗରେ/ସହିତ |
| ଭେଳାଭେଳା | ବହୁସଂଖ୍ୟାରେ | ବୋଇତ | ନାଆ, ଡଙ୍ଗା |
| ଓଳି | ଚାଳର ତଳ | ତୋଫାନ | ଖୁବ୍ ଜୋର୍‌ରେ |
| ଫୋଟକା | ଜଳ ବୁଦ୍‌ବୁଦ୍ | | ବହୁଥିବା ପବନ |

# ପାଠ୍ୟପୁସ୍ତକସ୍ଥ ଅଭ୍ୟାସ ପ୍ରଶ୍ନୋତ୍ତର

୧। **ଆସ କଥା ହେବା ।**

**(କ) ବର୍ଷା ହେଉଥିବାବେଳେ ଆକାଶରେ କ'ଣ ଦେଖାଯାଏ ?**

ଉ– ବର୍ଷା ହେଉଥିବାବେଳେ ଆକାଶରେ କଳା ବାଦଲ ଦେଖାଯାଏ । ଆକାଶରେ ବିଜୁଳି ମାରୁଥାଏ ।

**(ଖ) କେଉଁମାନେ ଆଗେ ବୋଇତରେ ବଣିଜ କରିବାକୁ ଦୂରଦେଶକୁ ଯାଉଥିଲେ ?**

ଉ– ଓଡ଼ିଶାର ସାଧବ ପୁଅମାନେ ଆଗେ ବୋଇତରେ ବଣିଜ କରିବାକୁ ଦୂରଦେଶକୁ ଯାଉଥିଲେ ।

**(ଗ) ସାଧବମାନେ ବଣିଜ କରିବାକୁ ଯାଇ କେବେ ଫେରୁଥିଲେ ?**

ଉ– ସାଧବମାନେ ବଣିଜ କରିବାକୁ ଯାଇ ଆଷାଢ଼ ମାସରେ ଫେରୁଥିଲେ ।

**(ଘ) ଝିଅ ବୋହୂମାନେ କିପରି ବୋଇତ ବନ୍ଦାଉଥିଲେ ?**

ଉ– ଝିଅ ବୋହୂମାନେ ବୋଇତ ମଙ୍ଗରେ ନଡ଼ିଆ ବାଢ଼େଇ ପାଣି ଢାଳୁଥିଲେ । ଦୀପ ଜାଳି ହୁଳହୁଳି ପକାଇ ବୋଇତ ବନ୍ଦାଉଥିଲେ ।

**(ଙ) ଆମ ରାଜ୍ୟର କେଉଁଠି ଭେଳାଭେଳା ହୋଇ ଜାହାଜ ଲାଗୁଛି ?**

ଉ– ଆମ ରାଜ୍ୟର ପାରଦ୍ୱୀପଠାରେ ଭେଳାଭେଳା ହୋଇ ଜାହାଜ ଲାଗୁଛି ।

୨। **ତୁମେ ସମସ୍ତେ କବିତାର ଗୋଟିଏ ଗୋଟିଏ ପଦକୁ ଅଭିନୟ ସହ ଗାଇ ଶୁଣାଅ ।**


ଉ– (ନିଜେ ଅଭିନୟ ସହ ଗାଇ ଶୁଣାଅ)

୩। **(କ) କାଗଜରେ ଡଙ୍ଗା ତିଆରି କରିବା ପରି କାଗଜରେ ଆଉ କ'ଣ ତିଆରି କରିବା ଶିଖିଛ ଲେଖ ଓ କର ।**

ଉ– କାଗଜରେ ଡଙ୍ଗା ତିଆରି କରିବା ଭଳି ଆମେ କାଗଜରେ ଫୁଲ, ଗୁଡ଼ି, ରକେଟ୍, ଥାଳି, ଥାଳିଆ, କଲମ ଷ୍ଟାଣ୍ଡ, ମୁଣି ଇତ୍ୟାଦି ତିଆରି କରିବା ଶିଖିଛୁ ।

(ଏଗୁଡ଼ିକ ତୁମେ ନିଜେ ତିଆରି କର)

**(ଖ) ତୁମେ ଯେପରି କାଗଜ ଡଙ୍ଗା ପାଣିରେ ଭସାଇ ଆନନ୍ଦ ପାଅ । ସେହିପରି ଏଇ ଜିନିଷକୁ କ'ଣ କରିବ ଲେଖ ।**




ଉ– ନଟେଇ ସୂତାରେ ଗୁଡ଼ିକୁ ବାନ୍ଧି ଆକାଶରେ ଉଡ଼ାଇଲେ ଆନନ୍ଦ ଲାଗିବ ।

୪। **ବର୍ଷା ହେଉଥିବା ସମୟରେ ତୁମେ ଘର ବାରଣ୍ଡାରେ ବସିଛ । ଏହି ସମୟରେ ଯାହା ଦେଖୁଛ ତା'କୁ ପାଞ୍ଚଟି ଧାଡ଼ିରେ ଲେଖ ।**

- ବର୍ଷା ହେଉଥିବା ସମୟରେ ଆକାଶରେ କଳାହାଣ୍ଡିଆ ମେଘ ଦେଖାଯାଏ ।
- ମଝିରେ ମଝିରେ ଘଡ଼ଘଡ଼ି ଶବ୍ଦ ଶୁଭିବା ସହିତ ଆକାଶରେ ବିଜୁଳି ଆଲୁଅ ଦେଖାଯାଏ ।

- ଗାଁ' ରାସ୍ତାରେ ପାଣିର ସୁଅ ଚାଲେ ଓ ସେଥିରେ ପାଣିଫୋଟକାମାନ ଭାସି ଭାସି ଯାଉଥାଏ ।
- ପିଲାମାନେ କାଗଜ ଡଙ୍ଗା ଓ ଖାଲି ଦିଆସିଲି ଖୋଳ ପାଣିରେ ଭସାଉଥାଆନ୍ତି ।
- ଗାଈ ଗୋରୁମାନେ ବର୍ଷାରେ ତିନ୍ତି ତିନ୍ତି ଘରକୁ ଫେରୁଥାଆନ୍ତି ଓ କୃଷକ ବିଲରୁ ହଳ ବଳଦ ସହ ଘରକୁ ଫେରୁଥାଏ ।

**୫ । (କ) ଡଙ୍ଗାରେ ଥିବା କେଉଁ ଶବ୍ଦ ସହିତ ଡଙ୍ଗା ତଳେ ଥିବା କେଉଁ ଶବ୍ଦର ମେଳ ଅଛି, ଗାର ଟାଣି ଦେଖାଅ ।**




(ଗାର ଟାଣି ମିଳାଇ ଦିଆଯାଇଛି)

**(ଖ) ମଝିରେ ଥିବା ନାମ ସହିତ କେଉଁ କେଉଁ ଚିତ୍ରର ମେଳ ଅଛି ଗାର ଟାଣି ଦେଖାଅ ।** (ଗାର ଟଣାଯାଇଛି)




**୬ । (କ) 'ବାଟଯାକ କେତେ ନୂଆ ନୂଆ ସାଥୀ ଭେଟୁଥାଆ'— ଏ କଥାଟିକୁ କିଏ କାହାକୁ କହିଛି ?**

ଉ— ଏ କଥାଟିକୁ ପିଲାଟି କାଗଜ ଡଙ୍ଗାକୁ କହିଛି ।

**(ଖ) ଯାଇଛି ସେ କାଳ ଆସିଛିରେ ଏବେ ନୂଆ ବେଳା'**

**— 'ସେ କାଳ' କେଉଁ ସମୟକୁ କୁହାଯାଇଛି ?**

ଉ— ଯେଉଁ ସମୟରେ ବୋଇତ ସାହାଯ୍ୟରେ ବେପାର ବଣିଜ ଚାଲୁଥିଲା ସେହି ସମୟକୁ 'ସେ କାଳ' ବୋଲି କୁହାଯାଇଛି ।

- **ସେ କାଳରେ କ'ଣ ହେଉଥିଲା ?**

ଉ— ସେ କାଳରେ ବୋଇତ ନେଇ ଓଡ଼ିଶାର ସାଧବ ପୁଅମାନେ ଦରିଆପାରି ଦେଶଗୁଡ଼ିକୁ ବେପାର ବଣିଜ କରିବାକୁ ଯାଉଥିଲେ ।

- **'ନୂଆ ବେଳା' କେଉଁ ସମୟକୁ କୁହାଯାଇଛି ?**

ଉ— ପାରାଦ୍ୱୀପରେ ନୂଆ ବନ୍ଦର ତିଆରି ହେବାର ସମୟ, ଅର୍ଥାତ୍ ବର୍ତ୍ତମାନର ସମୟକୁ 'ନୂଆ ବେଳା' ବୋଲି କୁହାଯାଇଛି ।

- **'ନୂଆ ବେଳା' ବୋଲି କାହିଁକି କୁହାଯାଇଛି ?**

ଉ— ଏବେ ଯନ୍ତ୍ର ଯୁଗରେ ଯନ୍ତ୍ରଚାଳିତ ଜାହାଜଦ୍ୱାରା ବେପାର ବଣିଜ ହେଉଥିବାରୁ ନୂଆ ବେଳା ବୋଲି କୁହାଯାଇଛି ।

**୭ । ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ଲଗାଇ ଆସ ଆମେ ବାକ୍ୟ ଗଢ଼ିବା ।**

**ଝିପିଝିପି, ଝୁଲିଝୁଲି, ହସିହସି, ଭେଳାଭେଳା, ନୂଆନୂଆ**

ଉ— **ଝିପିଝିପି** : ଆଜକୁ ଦୁଇ ଦିନ ହେଲା ଝିପିଝିପି ବର୍ଷା ଲାଗି ରହିଛି ।


**ଝୁଲିଝୁଲି** : ହାତୀଟି ରାସ୍ତାରେ ଝୁଲିଝୁଲି ଯାଉଛି ।

**ହସିହସି** : ବବିତା ହସିହସି ଘରକୁ ଫେରୁଛି ।

**ଭେଳାଭେଳା** : ନଦୀରେ ଭେଳାଭେଳା ହୋଇ କାଠ ଭାସିଯାଉଛି ।

**ନୂଆନୂଆ** : ଏ ବର୍ଷ ବହିମେଳାକୁ ବହୁତ ନୂଆ ନୂଆ ବହି ଆସିଥିଲା ।

**୮ । ଏଇ ଚିତ୍ରରେ ଆଉ କ'ଣ ଯୋଡ଼ିଲେ ବର୍ଷା ହେଉଥିବାର ଏକ ଦୃଶ୍ୟ ହେବ ।**



ଉ—



(ଚିତ୍ରରେ ନିଜେ ରଙ୍ଗ ଦିଅ ।)

୯ । ଆମ ରାଜ୍ୟର ପାରଦୀପଠାରେ ବନ୍ଦର ଅଛି । ସେହିପରି ଆମ ଦେଶରେ ଆଉ କେଉଁ କେଉଁଠାରେ ବନ୍ଦର ଅଛି ତା'ର ଗୋଟିଏ ତାଲିକା କର । ତା' କଡ଼ରେ ସେ ସ୍ଥାନସବୁ କେଉଁ ରାଜ୍ୟରେ ଅବସ୍ଥିତ ଲେଖ । (ନ ପାରିଲେ ପଚାରି ଲେଖ ।)

ଉ–

| ବନ୍ଦର | ରାଜ୍ୟ | ବନ୍ଦର | ରାଜ୍ୟ |
|---|---|---|---|
| କୋଚିନ୍ | କେରଳ | ମୁମ୍ବାଇ | ମହାରାଷ୍ଟ୍ର |
| ବିଶାଖାପଟ୍ଟନମ୍ | ଆନ୍ଧ୍ର ପ୍ରଦେଶ | ମାଙ୍ଗାଲୋର | କର୍ଣ୍ଣାଟକ |
| ନାଗପଟ୍ଟନମ୍ | ତାମିଲନାଡୁ | ହଳଦିଆ | ପଶ୍ଚିମବଙ୍ଗ |
| ଧାମରା | ଓଡ଼ିଶା | ଗୋପାଳପୁର | ଓଡ଼ିଶା |
| ଚାନ୍ଦବାଲି | ଓଡ଼ିଶା | | |

୧୦ । ଆମ ରାଜ୍ୟର ସାଧବ ପୁଅମାନଙ୍କ ବିଷୟରେ ଲେଖ ।

ଉ–
- ପୂର୍ବକାଳରେ ଆମ ରାଜ୍ୟର ସାଧବ ପୁଅମାନେ ବୋଇତ ନେଇ ଦରିଆପାରି ଦୂରଦେଶକୁ ବେପାର ବଣିଜ କରିବାକୁ ଯାଉଥିଲେ ।
- ସେମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଶୁଭ ଅନୁକୂଳ କରି ବଣିଜ କରିବାପାଇଁ ସମୁଦ୍ରରେ ବୋଇତ ମେଲି-ଦେଉଥିଲେ ।
- ସେମାନେ ସିଂହଳ, ଶ୍ୟାମଦେଶ, ଜାଭା, ବାଲି, ବୋର୍ଣ୍ଣିଓ ଏବଂ ଜାପାନ ପ୍ରଭୃତି ଦେଶକୁ ଯାଇ ସେଠାରେ ବାଣିଜ୍ୟ ବ୍ୟବସାୟ କରୁଥିଲେ ।
- ବାଣିଜ୍ୟ ବ୍ୟବସାୟ ସାରି ବୋଇତରେ ଧନରତ୍ନ ପୂର୍ଣ୍ଣକରି ଆଷାଢ଼ ମାସରେ ସ୍ୱଦେଶକୁ ଫେରୁଥିଲେ ।
- ଝିଅ ବୋହୂମାନେ ବୋଇତ ବନ୍ଦାଇ ସେମାନଙ୍କୁ ଘରକୁ ପାଛୋଟି ଆଣୁଥିଲେ ।

## ପରୀକ୍ଷା ଉପଯୋଗୀ ଅତିରିକ୍ତ ପ୍ରଶ୍ନୋତ୍ତର

୧ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

(କ) କବିତାର ନିମ୍ନଲିଖିତ ଶବ୍ଦପୁଞ୍ଜ ପାଇଁ କେଉଁ ଶବ୍ଦପୁଞ୍ଜଟି ଉପଯୁକ୍ତ ?

ଏଇ ହାତେ ତୋତେ –

(୧) କଥା ମୋର ଶୁଣି ଯାଆ ଭାସି (୨) ନୂଆ ନୂଆ ସାଥି ଭେଟୁଥାଆ

(୩) ଏହିପରି କେତେ ବରଷାରେ (୪) ଗଢ଼ିଛି ମୁଁ କେତେ ଭରସାରେ

(ଖ) 'ମେଲାଣି' ଶବ୍ଦର ଅର୍ଥ ନିମ୍ନୋକ୍ତ ମଧ୍ୟରୁ କେଉଁଟି ?

(୧) ମେଲିଦେବା (୨) ବିଦାୟ

(୩) ସମୁଦ୍ର (୪) ଲେଉଟିବା

(ଗ) ସାଧବମାନେ କେଉଁ ମାସରେ ବୋଇତରେ ଦୂରଦେଶକୁ ବେପାର ବଣିଜ କରିବାକୁ ଯାଉଥିଲେ ?

(୧) କାର୍ତ୍ତିକ (୨) ମାର୍ଗଶିର

(୩) ଆଷାଢ଼ (୪) ପୌଷ

(ଘ) ଯାଇଛି ସେ କାଳ ଆସିଛିରେ ଏବେ ନୂଆ ବେଳା— ଏଠାରେ 'ନୂଆ ବେଳା' କ'ଣ ବୁଝାଉଛି ?

(୧) ଯନ୍ତ୍ରଚାଳିତ ଜାହାଜ ତିଆରି ହେବା ।

(୨) ପାରାଦ୍ୱୀପରେ ଅସଂଖ୍ୟ ଜାହାଜ ଆସି ଲାଗିବା ।

(୩) ସାଧବମାନେ ବୋଇତରେ ବେପାର ବଣିଜ କରିବା ।

(୪) ପାରାଦ୍ୱୀପରେ ନୂଆ ବନ୍ଦର ଗଢ଼ାହେବା ।

(ଙ) 'ବାଟଯାକ କେତେ ନୂଆ ନୂଆ ସାଥୀ ଭେଟୁଥାଆ' — ଏଠାରେ ନୂଆ ନୂଆ ସାଥୀ କେଉଁମାନେ ?

(୧) ପାହାଡ଼ ପର୍ବତ (୨) ପଶୁପକ୍ଷୀ

(୩) କାଗଜ ଡଙ୍ଗା (୪) ତାରା

**ଉତ୍ତର**

(କ) ଗଢ଼ିଛି ମୁଁ କେତେ ଭରସାରେ (ଖ) ବିଦାୟ

(ଗ) କାର୍ତ୍ତିକ (ଘ) ପାରାଦ୍ୱୀପରେ ନୂଆ ବନ୍ଦର ଗଢ଼ାହେବା ।

(ଙ) କାଗଜ ଡଙ୍ଗା

**୨ । ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ଧାଡ଼ିରେ ଲେଖ ।**

**(କ) ପିଲାଟି କାହାକୁ ନ ଡରି ଭାସିଯିବାକୁ କାଗଜ ଡଙ୍ଗାକୁ କହିଛି ?**

ଉ— ଆକାଶରେ ମେଘ ପବନକୁ ଡରି ନ ଯାଇ ଭାସିଯିବାକୁ ପିଲାଟି କାଗଜ ଡଙ୍ଗାକୁ କହିଛି ।

**(ଖ) ପିଲାଟି କେଉଁଥିରେ ଡଙ୍ଗା ତିଆରି କରିଛି ?**

ଉ— ପିଲାଟି କାଗଜରେ ଡଙ୍ଗା ତିଆରି କରିଛି ।

**(ଗ) ସାଧବମାନେ କାହାକୁ ଡରୁ ନ ଥିଲେ ?**

ଉ— ସାଧବମାନେ ଝଡ଼ତୋଫାନକୁ ଡରୁ ନ ଥିଲେ ।

**(ଘ) ସାଧବମାନେ କେବେ ବୋଇତ ନେଇ ଦୂର ଦେଶକୁ ଯାଉଥିଲେ ?**

ଉ— ସାଧବମାନେ କାର୍ତ୍ତିକ ମାସରେ ବୋଇତ ନେଇ ଦୂର ଦେଶକୁ ଯାଉଥିଲେ ।

**(ଙ) ସାଧବମାନେ ବିଦେଶରୁ ଫେରିଲାପରେ ସେମାନଙ୍କୁ କେଉଁମାନେ ବନ୍ଦାଉ ଥିଲେ ?**

ଉ— ସାଧବମାନେ ବିଦେଶରୁ ଫେରିଲାପରେ ସାଧବବୋହୂ ଓ ଝିଅମାନେ ମିଳିମିଶି ସେମାନଙ୍କୁ ବନ୍ଦାଉ ଥିଲେ ।

**(ଚ) ସାଧବ କେଉଁମାନଙ୍କୁ କୁହାଯାଉଥିଲା ?**

ଉ— ଅତୀତରେ ଓଡ଼ିଶାରୁ ଦୂରଦେଶକୁ ବୋଇତରେ ଯାଇ ବେପାର ବଣିଜ କରୁଥିବା ଲୋକମାନଙ୍କୁ ସାଧବ କୁହାଯାଉଥିଲା ।

**(ଛ) ସାଧବମାନେ କାର୍ତ୍ତିକ ମାସରେ କାହିଁକି ବୋଇତ ମେଲାଉଥିଲେ ?**

ଉ— କାର୍ତ୍ତିକ ମାସରେ ଝଡ଼ ବାତ୍ୟାର ପ୍ରକୋପ ନ ଥାଏ । ଏ ସମୟରେ ସମୁଦ୍ରରେ ବହୁଥିବା ପବନ ବୋଇତକୁ ନେଇଯିବାରେ ସାହାଯ୍ୟ କରେ ।

**(ଜ) ସାଧବମାନେ କେବେ ନିଜ ଦେଶକୁ ଫେରୁଥିଲେ ?**

ଉ— ସାଧବମାନେ ଆଷାଢ଼ ମାସରେ ନିଜ ଦେଶକୁ ଫେରୁଥିଲେ ।

**(ଝ) 'ଭାସିଯାଆ ମୋର କାଗଜ ଡଙ୍ଗା' ପଦ୍ୟରେ କେଉଁ ବନ୍ଦର କଥା କୁହାଯାଇଛି ?**

ଉ— 'ଭାସି ଯାଆ ମୋର କାଗଜ ଡଙ୍ଗା' ପଦ୍ୟରେ ପାରାଦୀପ ବନ୍ଦର କଥା କୁହାଯାଇଛି ।

**(ଞ) ପିଲାଟି ହସି ହସି କାହାକୁ ବିଦାୟ ଦେଇଛି ?**

ଉ— ପିଲାଟି ହସି ହସି କାଗଜ ଡଙ୍ଗାକୁ ବିଦାୟ ଦେଇଛି ।

**(ଟ) ଓଳିରୁ ପାଣି ଗଡ଼ିଲେ କାହିଁକି ମଜା ଲାଗେ ?**

ଉ— ଓଳିରୁ ପାଣି ଗଡ଼ିଆସି ଓଳିତଳେ ଜଳସ୍ରୋତ ସୃଷ୍ଟିକରେ । ସେଥିରେ ଅସୁମାରି ପାଣିଫୋଟକା ସୃଷ୍ଟିହୁଏ ଓ ସେଗୁଡ଼ିକ ଭାସିଗଲାବେଳେ ସୁନ୍ଦର ଲାଗେ ।

**(ଠ) ପିଲାଟି କାଗଜ ଡଙ୍ଗା ପାଇଁ କ'ଣ କାମନା କରିଛି ?**

ଉ— କାଗଜ ଡଙ୍ଗାଟି ଭାସି ଭାସି ଗଲାବେଳେ ବାଟରେ ଅନେକ ନୂଆ ନୂଆ ସାଥୀଙ୍କୁ ଭେଟିବ ବୋଲି ପିଲାଟି କାମନା କରିଛି ।

**(ଡ) କାଗଜ ଡଙ୍ଗା ଭସାଇ ସାରିଲା ପରେ ଡଙ୍ଗା ପ୍ରତି କେଉଁ କେଉଁ ବିପଦର ଆଶଙ୍କା ଥିଲା ?**

ଉ— କାଗଜ ଡଙ୍ଗା ଭସାଇ ସାରିଲା ପରେ ତାହା ପାଣିରେ ଓଦା ହୋଇ ବୁଡ଼ିଯିବାର କିମ୍ବା କୌଣସି ସ୍ଥାନରେ ଅଟକିଯିବାର ଆଶଙ୍କା ଥିଲା ।

**(ଢ) ଆମ ରାଜ୍ୟର ସାଧବ ପୁଅମାନେ କେଉଁ କେଉଁ ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ ଓ କିପରି ଯାଉଥିଲେ ?**

ଉ— ଆମ ରାଜ୍ୟର ସାଧବ ପୁଅମାନେ ଜାଭା, ସୁମାତ୍ରା, ବାଲି ବୋର୍ଣ୍ଣିଓ ଏବଂ ଜାପାନ ଆଦି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ସେମାନେ ବୋଇତରେ ଯାଉଥିଲେ ।

୬ । ତଳଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ । (ପ୍ରଶ୍ନ ସହ ଉତ୍ତର)

| | | | |
|---|---|---|---|
| ଡଙ୍ଗା | – | ତରଣୀ | ନୌକା |
| ନଡ଼ିଆ | – | ନାରିକେଳ | ଶ୍ରୀଫଳ |
| ସମୁଦ୍ର | – | ସିନ୍ଧୁ | ରତ୍ନାକର |
| ବିଜୁଳି | – | ବିଦ୍ୟୁତ୍ | ତଡ଼ିତ୍ |
| ଜଳ | – | ଅମ୍ବୁ | ନୀର |

Scanned with CamScanner